# ସ୍ୱାଧୀନତା ସଂଗ୍ରାମରେ ଚୂଡ଼ାମଣି

ନାରାୟଣ ପ୍ରସାଦ ଜେନା

**ବ**ର୍ତ୍ତମାନର ଭଦ୍ରକ ଜିଲ୍ଲା ବାସୁଦେବପୁର ଥାନା ଅନ୍ତର୍ଗତ ଚୂଡ଼ାମଣି ଗ୍ରାମଟି ବଙ୍ଗୋପସାଗର ଉପକୂଳରେ ଅବସ୍ଥିତ । ଉକ୍ତ ଗ୍ରାମ ଚତୁଃପାର୍ଶ୍ୱରେ ଘେରି ରହିଛି କୋଷ୍ଟ କେନାଲ, ରାମଗାହାଣ ନଈ, ଗମେଇ ନଈ ଓ ଘନ ଜନବସତି ସହିତ କେତେକ ସାଂସ୍କୃତିକ ଅନୁଷ୍ଠାନ ବିଦ୍ୟମାନ । ଚୂଡ଼ାମଣି ଏକ ଗ୍ରାମର ନାମକୁ ସୂଚାଏ ନାହିଁ, ଏହା ସୂଚାଏ ଜାତୀୟ ମୁକ୍ତି ଆନ୍ଦୋଳନର ଇତିହାସକୁ ।

ଗମେଇ ନଈର ଅପରପାର୍ଶ୍ୱ ଗ୍ରାମଗୁଡ଼ିକ ନଈ ଘେରଦ ଗ୍ରାମ ନାମରେ ପରିଚିତ ଓ ନଈ ଘେରଦର ଇରମ ମେଳନ ପଡ଼ିଆ ସ୍ୱାଧୀନତା ସଂଗ୍ରାମର ଏକ କେନ୍ଦ୍ର ସ୍ଥଳ । ଉକ୍ତ ଅଞ୍ଚଳମାନଙ୍କରେ ମୁଖ୍ୟତଃ ଚାଷ କାର୍ଯ୍ୟ ସାଙ୍ଗକୁ ମତ୍ସ୍ୟ ଓ ଲୁଣମାରି ଲୋକମାନେ ଜୀବିକା ନିର୍ବାହ କରନ୍ତି । ସେ ଅଞ୍ଚଳର ଅଧିକାଂଶ ଲୋକମାନେ ମତ୍ସ୍ୟ ମାରିବା, ଗୋମହିଷାଦି ପାଳନ କରିବା ଓ ଲୁଣ ମାରିବା ଉପରେ ନିର୍ଭର କରି ଚଳନ୍ତି ।

ସେତେବେଳେ ରାଧାକାନ୍ତ ପାଢ଼ୀଙ୍କର ଜମିଦାରୀ ଥାଏ । ସେହି ସମୟରେ ସମଗ୍ର ଦେଶରେ ଇଂରେଜ ସରକାରଙ୍କର ରାଜୁତି ଚାଲିଥାଏ । ସାମ୍ରାଜ୍ୟବାଦୀ ଔପନିବେଶିକ ଶାସନ, ଶୋଷଣ, ଦମନ, ଅତ୍ୟାଚାରର ସୁଅ ସମଗ୍ର ଦେଶରେ ଛୁଟିଥାଏ । ଦେଶର ଲୋକେ ବହୁ ଦୁଃଖ କଷ୍ଟ ସହିବା ସହିତ ଭୟରେ ଦିନଗୁଡ଼ିକ ବିତାଉଥାନ୍ତି । ଗାଁଗଣ୍ଡାରେ ଜମିଦାରମାନଙ୍କର ଅଖଣ୍ଡ କ୍ଷମତା । ବ୍ରିଟିଶ ସାମ୍ରାଜ୍ୟବାଦର ଶୋଷଣ ସାଙ୍ଗକୁ ଜମିଦାରମାନଙ୍କର ଅକଥନୀୟ ଅତ୍ୟାଚାର ଓ ବେଠି, ଭେଟି ବେଆଇନ ପାଉଣା ଆଦାୟର ଜୁଲମରେ ଲୋକମାନେ ଅତିଷ୍ଠ ହୋଇ ପଡ଼ିଥିଲେ । ଏ ଅଞ୍ଚଳରେ ଅତ୍ୟାଚାରିତ, ଶୋଷିତ ପ୍ରଜାମାନେ ଜମିଦାର ଓ ବ୍ରିଟିଶ ଶାସନ ପ୍ରତି ବିମୁଖ ଓ ବହୁଦିନର ଅସନ୍ତୋଷ ସେମାନଙ୍କ ମନରେ ଦାନା ବାନ୍ଧିଥାଏ ।

ଦେଶର ବ୍ରିଟିଶ ସାମ୍ରାଜ୍ୟବାଦ ଶାସନ, ଶୋଷଣ ଓ ନିର୍ଯ୍ୟାତନାରେ ଜନସାଧାରଣ ଅତିଷ୍ଠ ହୋଇ ଓ ପରାଧୀନ ଭାରତବର୍ଷକୁ ସ୍ୱାଧୀନ କରିବା ପାଇଁ ଦେଶର ଆରମ୍ଭ ହୁଏ ସ୍ୱାଧୀନତା ସଂଗ୍ରାମ । ସହରଠାରୁ ଆରମ୍ଭ କରି ଗାଁଗଣ୍ଡା ପର୍ଯ୍ୟନ୍ତ ବିଶାଳ ବୈପ୍ଲବିକ ଆନ୍ଦୋଳନ ସଂଗଠିତ ହୋଇଛି । ଆମ ଦେଶରେ ବହୁ ଜାତି, ବହୁଭାଷା, ବହୁଧର୍ମ ଓ ବହୁ ସଂସ୍କୃତିର ଲୋକମାନେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ଶହୀଦ ହୋଇଛନ୍ତି । କେତେ ଯେ ବିପ୍ଳବ ଆନ୍ଦୋଳନ ତା'ର ହିସାବ ନାହିଁ । ଏହିସବୁ ବିପ୍ଳବ, ଆନ୍ଦୋଳନ ମହାଆନ୍ଦୋଳନରେ ପରିଣତ ହୋଇ ଦେଶର ସ୍ୱାଧୀନତା ସଂଗ୍ରାମକୁ ଜୋରଦାର ଭାବେ ଗଢ଼ି ତୋଳିବା ସହିତ ଦେଶକୁ ପରାଧୀନ କବଳରୁ ମୁକ୍ତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ଏବଂ ଏହି ଆନ୍ଦୋଳନରେ କେତେ ଯେ ଶହୀଦ ହୋଇଛନ୍ତି କେତେ ଯେ ଦ୍ୱୀପାନ୍ତର ଯାଇଛନ୍ତି ଆଉ କେତେ ଯେ କାରାବରଣ କରିବା ସହିତ ଅଜ୍ଞାତବାସରେ ଦିନ କଟାଇଛନ୍ତି ତାହା ସ୍ୱାଧୀନତା ସଂଗ୍ରାମ ଇତିହାସରେ ଲିପିବଦ୍ଧ ହୋଇ ରହିଛି ।

ସମଗ୍ର ଦେଶରେ ସ୍ୱାଧୀନତା ଆନ୍ଦୋଳନର ବାର୍ତ୍ତା ପ୍ରଚାରିତ ହେଉଥାଏ । ବାସୁଦେବପୁର ଥାନା ଅନ୍ତର୍ଗତ ଇରମରେ ସ୍ୱାଧୀନତା ଆନ୍ଦୋଳନର ସ୍ରୋତ ସମଗ୍ର ବେଳାଭୂମି ଗ୍ରାମମାନଙ୍କୁ ପ୍ରସାରିତ ହେଉଥିଲା । ଓଡ଼ିଶାର ଜାତୀୟକବି ବାଞ୍ଛାନିଧି ମହାନ୍ତିଙ୍କ ନେତୃତ୍ୱରେ ଜାତୀୟ ନେତା ଓ ରାଜ୍ୟ ନେତାମାନେ ଚୂଡ଼ାମଣି ଗମେଇ ନଈ ପାରି ହୋଇ ବାରମ୍ବାର ଇରମ ମେଳନ ପଡ଼ିଆକୁ ଆସୁଥିଲେ । ଇରମ ମେଳନ ପଡ଼ିଆ ସ୍ୱାଧୀନତା ଆନ୍ଦୋଳନର ପ୍ରଭାବ ନିକଟବର୍ତ୍ତୀ ଗ୍ରାମ ଚୂଡ଼ାମଣି ଉପରେ ପଡ଼ିଥିଲା । ଏ ଅଞ୍ଚଳର ବହୁ ଉଦୀୟମାନ ଯୁବକ ନିଜର ସୁଖସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ଦେଇ ଦେଶପ୍ରେମରେ ଉଦ୍‌ବୁଦ୍ଧ ହୋଇ ପରାଧୀନ ଭାରତବର୍ଷକୁ ସ୍ୱାଧୀନ କରିବା ପାଇଁ ଆନ୍ଦୋଳନରେ ଝାସ ଦେଲେ ।

ଓଡ଼ିଶାର ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରୁ ଲୁଣ ସଂଗ୍ରହ କରାଯାଉଥିଲା । ଓଡ଼ିଆର ଲୁଣ ସମଗ୍ର ଭାରତବର୍ଷ ମଧ୍ୟରେ ସର୍ବାପେକ୍ଷା ଉତ୍କୃଷ୍ଟ ଥିଲା । ଓଡ଼ିଶାର ଲୁଣ ଛୋଟନାଗପୁର ମଧ୍ୟପ୍ରଦେଶକୁ ରପ୍ତାନୀ କରାଯାଉଥିଲା । ୧୮୬୧ ମସିହା ପର୍ଯ୍ୟନ୍ତ ଇଷ୍ଟ ଇଣ୍ଡିଆ କମ୍ପାନୀ ଏକଚାଟିଆ ନୀତି ଅବଲମ୍ବନ କଲେ ଓ ସରକାର ମହଣ (ପ୍ରାୟ ୪୦ କେ.ଜି.) ପ୍ରତି ତିନି ଟଙ୍କା ଚାରିଅଣା କର ନେଉଥିଲେ । ଇଷ୍ଟଇଣ୍ଡିଆ କମ୍ପାନୀ ବର୍ଷକୁ ୧୮ ଲକ୍ଷ ଟଙ୍କା ଏକଚାଟିଆ ବାଣିଜ୍ୟ ସୂତ୍ରରେ ପାଉଥିଲେ ।

୧୯୩୦ ମସିହାରେ ଗାନ୍ଧିଜୀଙ୍କ ନିର୍ଦ୍ଦେଶକ୍ରମେ ଆଇନ ଅମାନ୍ୟ ଆନ୍ଦୋଳନ ଘୋଷଣା କରାଯାଇଥିଲା । ଏହି ଆନ୍ଦୋଳନର ମୁଖ୍ୟ କାର୍ଯ୍ୟକ୍ରମ ଥିଲା ଇଂରେଜମାନଙ୍କଦ୍ୱାରା ପ୍ରବର୍ତ୍ତିତ ବିଭିନ୍ନ ଆଇନ ଅମାନ୍ୟ କରିବା । ତାର ପ୍ରଥମ କାର୍ଯ୍ୟକ୍ରମ ଥିଲା ଲବଣ ଆଇନ ଭଙ୍ଗ କରିବା । ଭାରତବର୍ଷର ଲୋକମାନେ ବର୍ଷ ବର୍ଷ ଧରି ସମୁଦ୍ର ଜଳରୁ ଲୁଣ ପ୍ରସ୍ତୁତ କରୁଥିଲେ ଓ ତାହା ବିକ୍ରୟ କରି ସେମାନେ ଜୀବିକା ନିର୍ବାହ କରୁଥିଲେ । ଇଂରେଜମାନେ ଲବଣ ଉତ୍ପାଦନ ଉପରେ କଟକଣା ଜାରି କରି ଲୋକମାନଙ୍କୁ ଲୁଣ ମାରିବା ପାଇଁ ମନା କରି ଦେଇଥିଲେ । ଏଥିରେ ଗାନ୍ଧିଜୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ । ୧୯୩୦ ମସିହାରେ ଗାନ୍ଧିଜୀଙ୍କ ନେତୃତ୍ୱରେ ଲବଣ ସତ୍ୟାଗ୍ରହ ଦାଣ୍ଡିରେ ଆରମ୍ଭ ହେଲା । ଯାହାକି ସମଗ୍ର ଭାରତବର୍ଷକୁ ବ୍ୟାପିବାକୁ ଲାଗିଲା । ବାଲେଶ୍ୱର ଜିଲ୍ଲାର ଇଞ୍ଚୁଡ଼ି, ଇରମ, ଲୁଣିଆ, ତୁଡ଼ିଗଡ଼ିଆ, ବିଦେଇପୁର ଗଦୀବରୁଣତୋଟା, ବଚ୍ଛଦା ସମେତ ଅନ୍ୟ କେତେକ ଅଞ୍ଚଳରେ ଲବଣ ଆଇନ ଭଙ୍ଗ କରି ବହୁ ନେତା ଗିରଫ ହୋଇଥାନ୍ତି ।

୧୯୩୦ ମସିହାରେ ଲବଣ ଆଇନ ଅମାନ୍ୟ କାର୍ଯ୍ୟକ୍ରମ ହେବାରୁ ଇଂରେଜ ସରକାର ଏକ ଆଇନ ପ୍ରଣୟନ କରି ଆନ୍ଦୋଳନକୁ ନିଷେଧ କରି ଦେଇଥିଲେ । ସୁଦୂର ଚୂଡ଼ାମଣି ଅଞ୍ଚଳର ଲୋକମାନେ ନିଷେଧାଜ୍ଞା ନମାନି ସମୁଦ୍ର କୂଳରେ ନିର୍ଭୀକ ଭାବରେ ଲୁଣ ମାରି ଚାଲିଲେ ।

ଇଂରେଜ ସରକାର ଲବଣ କରକୁ ଦ୍ୱିଗୁଣିତ କରିଥିଲେ । ବାହାରୁ ଲୁଣ ଆଣି ଆମ ଦେଶରେ ବିକ୍ରୟ କରି ବହୁ ଅର୍ଥ ତାଙ୍କ ଦେଶକୁ ବୋହି ନେଇ ଯାଇଥିଲେ । ବାଲେଶ୍ୱରଠାରୁ ଧାମରା ପର୍ଯ୍ୟନ୍ତ ସମୁଦ୍ର କୂଳ ଅଞ୍ଚଳକୁ ଲୁଣା ଦାଣ୍ଡି କୁହାଯାଏ । ଚୂଡ଼ାମଣି ଅଞ୍ଚଳରେ ଲୋକମାନେ ଲୁଣ ମାରି ପାରିବେ ନାହିଁ କି ସରକାରଙ୍କ ବିରୋଧରେ ସଭା ସମିତି କରିପାରିବେ ନାହିଁ ବୋଲି ସରକାରଙ୍କ ତରଫରୁ ଢେଙ୍ଗୁରା ପିଟି ଲୋକମାନଙ୍କୁ ସତର୍କ କରାଇ ଦିଆଗଲା । ଏହାଫଳରେ ସେ ଅଞ୍ଚଳରେ ପୋଲିସର ଅତ୍ୟାଚାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଲା ।

ଅପରପକ୍ଷରେ ସରକାରଙ୍କର ନିଷେଧାଜ୍ଞା ଓ ପୋଲିସର ଅତ୍ୟାଚାରରେ ଜନଆନ୍ଦୋଳନ ଦବି ନଯାଇ ବଢ଼ିବାକୁ ଲାଗିଲା ।

ଓଡ଼ିଶାର ଲବଣ ସତ୍ୟାଗ୍ରହ ଆନ୍ଦୋଳନରେ ନେତୃତ୍ୱ ନେଇଥିଲେ ଗୋପବନ୍ଧୁ ଚୌଧୁରୀ, ନୀଳକଣ୍ଠ ଦାସ, ଆଚାର୍ଯ୍ୟ ହରିହର, ହରେକୃଷ୍ଣ ମହତାବ, ବାଞ୍ଛାନିଧି ମହାନ୍ତି, ନନ୍ଦକିଶୋର ଦାସ, ରମାଦେବୀ, ମାଳତୀ ଚୌଧୁରୀ ଓ ନବକୃଷ୍ଣ ଚୌଧୁରୀ ପ୍ରମୁଖ । ବାଲେଶ୍ୱର ପରମିଟି ପଡ଼ିଆ ଥିଲା ଲବଣ ସତ୍ୟାଗ୍ରହର କେନ୍ଦ୍ରସ୍ଥଳୀ ।

ଓଡ଼ିଶାର ବରପୁତ୍ର, ଜାତୀୟ କବି ବାଞ୍ଛାନିଧି ମହାନ୍ତି ଓ ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ହରେକୃଷ୍ଣ ମହତାବ, ଚୂଡ଼ାମଣି ଅଞ୍ଚଳରେ ବୁଲି ସଭାସମିତି କରି ଲବଣ ଆଇନକୁ ଭଙ୍ଗ କରିବା ପାଇଁ ଲୋକମାନଙ୍କୁ ସଚେତନ କରାଉଥାନ୍ତି । ଚୂଡ଼ାମଣି ଗ୍ରାମର ଦକ୍ଷିଣ ଦିଗରେ ମହାକୁଡ଼ ସାହି ପାଖ ନଛମନିଆ ମଠଠାରେ ଏକ ଗୋପନ ବୈଠକ ବସିଥାଏ । ଉକ୍ତ ବୈଠକରେ ବାଞ୍ଛାନିଧି ମହାନ୍ତି ସଭାପତିତ୍ୱ କରିଥାନ୍ତି ଓ ସଂଗ୍ରାମୀ ହରେକୃଷ୍ଣ ମହତାବ ବୈଠକରେ ଯୋଗ ଦେଇଥାନ୍ତି । ବହୁ ଯୁବକ ବୈଠକରେ ଯୋଗ ଦେଇଥାନ୍ତି ତ । ସେମାନଙ୍କର ନେତୃତ୍ୱ ନେଇଥିଲେ ଶ୍ରୀ ସୁରେନ୍ଦ୍ର ପ୍ରସାଦ ରାୟ । ବୈଠକରେ ଲୁଣ ମାରି ଆଇନ ଅମାନ୍ୟ କରିବା ପାଇଁ ନିଷ୍ପତ୍ତି କରାଗଲା । ଆଇନ ଅମାନ୍ୟ ଆନ୍ଦୋଳନକୁ ସଫଳ କରିବା ପାଇଁ ଏକ ସ୍ୱେଚ୍ଛାସେବକ ବାହିନୀ ଗଠନ କରାଯାଇ ସେମାନଙ୍କ ମଧ୍ୟରେ ବିଭାଗ ବଣ୍ଟନ କରାଗଲା ଓ ସେମାନଙ୍କୁ ୧୫ ଦିନ ତାଲିମ ଦିଆଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯିବା ସହିତ ପୋଲିସ୍ ଉପରେ ସତର୍କ ଦୃଷ୍ଟି ରଖିବା ସଂଗେସଂଗେ ସେମାନଙ୍କ ଆଗମନରେ ଶଙ୍ଖ ଶବ୍ଦଦ୍ୱାରା ସଂଗ୍ରାମୀମାନଙ୍କୁ ସତର୍କ କରାଇବା ପାଇଁ ନିର୍ଦ୍ଦେଶ ଦିଆଗଲା । ସେବର ସ୍ୱେଚ୍ଛାସେବକ ଓ ସଂଗ୍ରାମୀମାନଙ୍କ ନାମ ନିମ୍ନରେ ଦିଆଗଲା - ଯୁଧିଷ୍ଠିର ମହାପାତ୍ର, ବିଚ୍ଛନ୍ଦ ମହାପାତ୍ର, ସୁରେନ୍ଦ୍ର ନାରାୟଣ ଦାସ, ସଚୀନ୍ଦ୍ର ନାଥ ମହାରଣା, ପୁରୁଷୋତ୍ତମ ବାରିକ, ଶଚୀନ୍ଦ୍ର ବାରିକ, ଗୋପବନ୍ଧୁ ବାରିକ, ବିଦ୍ୟୁତରାଇ, ଉପେନ୍ଦ୍ର ପ୍ରସାଦ ଦାସ, ବୈଦ ବାରିକ, ନର ରଣା, ଗୋପାଳ ରଣା, ଚିନ୍ତେଇ ମୁଦୁଲି, ବିପ୍ର ବେହେରା, ହାଡ଼ିବନ୍ଧୁ ଖିଲାର, ଅର୍ଜୁନ ମହାକୁଡ଼, ଭୈରବ ଦାସ, ଜଗବନ୍ଧୁ ସାହୁ, ଶ୍ୟାମ ଦାସ, କଟି ଘଡ଼େଇ, ପ୍ରସାଦି ମଲ୍ଲିକ, ଫକୀର ସାହୁ, ତୁଇଁ ସାହୁ, ହରି ଖିଲାର, ଦୀନବନ୍ଧୁ ରଣା, ରାମଚନ୍ଦ୍ର ବିନ୍ଧାଣି, ଭିକାରୀ ଦାସ, ମଧୁସୂଦନ ଦାସ, ନବକିଶୋର ପାଢ଼ୀ, ଦୈତାରୀ ପାଢ଼ୀ, ଦିନବନ୍ଧୁ ଦାସ, ଜୟୀ ଦାସ, ଲକ୍ଷ୍ମୀ ଦାସ, ଜାଗିରି ଦାସ, ବିଷ୍ଣୁ ଚରଣ ଦାସ, ଶ୍ରୀକୃଷ୍ଣ ମଲ୍ଲିକ, ଭିକାରୀ ଚରଣ ବେହେରା, କସ୍ତୁରୀ ବାରିକ, କୃଷ୍ଣ ତରାଇ, ଶ୍ରୀରାମ ବେହେରା, ଅନାଦି ମହାନ୍ତି, କାଶିନାଥ ବାରିକ, ହରିହର ବାରିକ ବୈଦ୍ୟନାଥ ଜେନା, ରାଜକିଶୋର ଜେନା, ଶାନ୍ତି ସନ୍ତୋଷ ନାୟକ, ବୈରାଗି ଚରଣ ନାୟକ, ଚନ୍ଦୁର ସେଠୀ, ଧୂଇ ସେଠୀ, ସଦେଇ ସେଠୀ, ଜଡ଼େଇ ବେହେରା, ବିଚ୍ଛନ୍ଦ ବେହେରା, ନନ୍ଦକିଶୋର ବେହେରା, ପରିଆ ବାରିକ, ଶ୍ୟାମ ବାରିକ, ଲକ୍ଷ୍ମୀ ଧରଧଳ, କାଳିମଲିକ, ଶଙ୍ଖାଳି ମହାନ୍ତି, କହ୍ନେଇ ମଲିକ, ସରସ୍ୱତୀ, ନାୟକ, ମଧୁସୂଦନ ମଲ୍ଲିକ, ମହେନ୍ଦ୍ର ତରାଇ, ପାଣ୍ଡୁ ବେହେରା, ନୁ ଧାରଣା ବନମାଳି ରଣା, ନିଧି ଜେନା, ମାର୍କଣ୍ଡ ଜେନା, ଭାଗବତ ଜେନା, ଗଙ୍ଗେଇ ଖୁଣ୍ଟିଆ, ଦଶି ଭୋଇ, ସନାତନ ନାୟକ, ମଦନ ନାୟକ, ବୈରାଗୀ ମହାନ୍ତି, କ୍ଷେତ୍ରମଣି ମହାନ୍ତି, ନିଧି ମହାରଣା, ମାୟାଧର ଦାସ, ବୈଦ୍ୟନାଥ ମହାରଣା, ପହଲି ଦାସ, ମାଗୁଣି ନାୟକ, ମଦନ ନାୟକ, ବୈରାଗୀ ମହାନ୍ତି, ନିଧି ନାୟକ, ଧ୍ରୁବ ପଲେଇ, କାହ୍ନୁ ସେଠୀ, ଭାଗି ସାମଲ, ବିକ୍ରମ ମହାକୁଡ଼, ଦିନବନ୍ଧୁ ସାମଲ, କୁମୁନ୍ଦ ଦଳେଇ, ସତୁରି ଦଳେଇ, ସତୁରି ମୁଦୁଲି ପ୍ରମୁଖ ।

ଉପରୋକ୍ତ ଲୋକମାନେ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିଲେ ଓ ନଛମନିଆ ମଠଠାରେ ଏକ ତାଲିମ ଶିବିରରେ ୧୫ ଦିନ ଯୋଗ ଦେଇ ତାଲିମ ନେଇଥିଲେ । ସ୍ୱାଧୀନତା ଆନ୍ଦୋଳନକୁ ଜୋରଦାର କରିବା ପାଇଁ ସଂଗ୍ରାମୀମାନେ ଗାଁଗଣ୍ଡାରେ ପ୍ରଚାର ଅଭିଯାନ ଚଳାଇଲେ । ଇଂରେଜ ପୋଲିସ ପାଖରେ ଏ ଖବର ପହଞ୍ଚିଲା । ପୋଲିସ ବାହିନୀ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଉପରେ ସତର୍କ ଦୃଷ୍ଟି ରଖିଥାନ୍ତି । ସଂଗ୍ରାମୀମାନେ ଲୁଚିଛପି ସ୍ୱାଧୀନତା ଆନ୍ଦୋଳନ ବାର୍ତ୍ତା ଲୋକମାନଙ୍କ ପାଖରେ ପହଞ୍ଚାଇଥାନ୍ତି । ଲୋକମାନେ ସ୍ୱାଧୀନତା ଆନ୍ଦୋଳନ ପ୍ରତି ଆକୃଷ୍ଟ ହୋଇ ସଂଗଠନରେ ଯୋଗ ଦେବାକୁ ଲାଗିଲେ । ଏହି ପରିପ୍ରେକ୍ଷୀରେ ନଛମନିଆ ମଠକୁ ଏକ ସଭା ଡକାଗଲା । ବହୁସଂଖ୍ୟାରେ ଲୋକମାନେ ସଭାରେ ଯୋଗ ଦେଇଥାନ୍ତି । ସଭାରେ ସଭାପତିତ୍ୱ କରିଥାନ୍ତି ବାଞ୍ଛାନିଧି ମହାନ୍ତି । ସଂଗ୍ରାମୀ ହରେକୃଷ୍ଣ ମହତାବ ସେହି ସଭାରେ ଯୋଗ ଦେବା ସହିତ ଇରମ ମେଳନ ପଡ଼ିଆ ସ୍ୱାଧୀନତା କେନ୍ଦ୍ରରୁ କେତେକ ସଂଗ୍ରାମୀ ମଧ ଯୋଗ ଦେଇଥାନ୍ତି । ସଭାରେ ବାଞ୍ଛାନିଧି ମହାନ୍ତିଙ୍କ ସ୍ୱରଚିତ ଦେଶାତ୍ମବୋଧ ସଂଗୀତ ଗାଇଥିଲେ ଦୁଇଜଣ ଛୋଟ ବାଳକ । ସ୍ୱେଚ୍ଛାସେବକ ବାହିନୀ ଇଂରେଜ ପୋଲିସ୍ ଉପରେ ଦୃଷ୍ଟି ରଖିଥାନ୍ତି । ସଭାରେ ଲବଣ ଆଇନ ଭଙ୍ଗ କରାଯିବା ପାଇଁ ଆଲୋଚନା କରାଗଲା ଓ ଏପ୍ରିଲ ୨୦ ତାରିଖରେ ଲବଣ ସତ୍ୟାଗ୍ରହ ବାଲାଜୀଲୁଣଚାଟିଠାରେ କରାଯିବା ପାଇଁ ନିଷ୍ପତ୍ତି ନିଆଗଲା । ଉକ୍ତ ଆନ୍ଦୋଳନକୁ ସଫଳ କରିବା ପାଇଁ ଲୋକମାନଙ୍କ ଉପରେ ଦାୟିତ୍ୱ ଦିଆଗଲା । ସ୍ୱେଚ୍ଛାସେବକ ବାହିନୀ ବାଲାଜୀଲୁଣଚାଟିଠାରେ ଚୁଲା ତିଆରି ସାଙ୍ଗକୁ ଛାମୁଡ଼ିଆ ବାନ୍ଧିବା ଦାୟିତ୍ୱ ଦିଆଗଲା । ଠିକ୍ ଏହି ସମୟରେ ପୋଲିସ୍‌ର ଆଗମନରେ ଶଙ୍ଖ ବାଜିବାରୁ ସଭା ଭଙ୍ଗ କରି ସଂଗ୍ରାମୀମାନେ ସଭାସ୍ଥଳ ଛାଡ଼ି ଚାଲିଗଲେ । ଲବଣ ସତ୍ୟାଗ୍ରହକୁ ସଫଳ କରିବା ପାଇଁ ଗାଁମାନଙ୍କରେ ପ୍ରଚାର ଅଭିଯାନ ଚାଲିଲା । ଏଣେ ଇଂରେଜ ପୋଲିସ ସଂଗ୍ରାମୀମାନଙ୍କ ଉପରେ ଲକ୍ଷ୍ୟ ରଖିଥାଏ । ସଂଗ୍ରାମୀମାନେ ଗୋପନରେ କାର୍ଯ୍ୟ କରୁଥାନ୍ତି । ବାଲାଜୀଲୁଣଚାଟିରେ ଲୁଣମରା ଖବର ପୋଲିସ ଜାଣିବା ପରେ ଚୂଡ଼ାମଣି ଅଞ୍ଚଳରେ ୧୪୪ ଜାରି କରାଯାଇ ସଭାସମିତି ଓ ଲୁଣମରା ନିଷେଧ କରାଗଲା । ଲୋକମାନେ ନିଷେଧାଜ୍ଞାକୁ ନମାନି ସଂଗଠିତ ହେବାକୁ ଲାଗିଲେ । ପୋଲିସ ଗାଁମାନଙ୍କରେ ପଇନ୍ତରା ମାରୁଥାନ୍ତି । ସଂଗ୍ରାମୀମାନଙ୍କୁ ଖୋଜା ଚାଲିଲା ।

୧୯୩୦ ମସିହା ଏପ୍ରିଲ ୨୦ ତାରିଖ ଐତିହାସିକ ବାଲାଜୀ ଲୁଣଚାଟି ଆକାଶରେ ଦୁର୍ଦ୍ଦିନର ଛାୟା ଘୋଟି ଆସିଲା । ସେଦିନ ଯେ ପୋଲିସର ଅମାନୁଷିକ ଦମନ ଲୀଳା ହେବ କିଏ ଜାଣିଥିଲା । ରାସ୍ତାଘାଟର ସୁବିଧା ନଥିବା ବଣ ଜଙ୍ଗଲ ପରିପୂର୍ଣ୍ଣ ଐତିହାସିକ ବାଲାଜୀ ସମୁଦ୍ର କୂଳରେ ଅବସ୍ଥିତ ଓ ଲବଣ ସତ୍ୟାଗ୍ରହ ପାଇଁ ଥିଲା ଉପଯୁକ୍ତ ସ୍ଥାନ । ସେହିସ୍ଥାନରେ ଲବଣ ସତ୍ୟାଗ୍ରହ ଆରମ୍ଭ ହୁଏ ଏପ୍ରିଲ ୨୦ ତାରିଖ । ପୋଲିସ ବାହିନୀର ବୟୋନେଟ୍‌କୁ ଭ୍ରୂକ୍ଷେପ ନକରି ଚୂଡ଼ାମଣି ଅଞ୍ଚଳର ଆବାଳ ବୃଦ୍ଧ ବନିତା ଧାଡ଼ି ବାନ୍ଧି ଛୁଟୁଥାନ୍ତି ବାଲାଜୀଲୁଣଚାଟିକୁ । ବାଲାଜୀଲୁଣଚାଟିରେ ଲୁଣ ମାରିବା ପାଇଁ ଛୋଟ ଛୋଟ ଚୁଲା ତିଆରି ସାଙ୍ଗକୁ ଛାମୁଡ଼ିଆ ବନ୍ଧା ଯାଇଥାଏ ।

ଅପରପକ୍ଷରେ ବ୍ରିଟିଶ ପୋଲିସ ବାହିନୀ ବାଲାଜୀ ଲୁଣଚାଟିକୁ ଘେରି ରହିଥାନ୍ତି ଏବଂ 'ଏଠାରୁ ସମସ୍ତେ ଚାଲିଯାଅ' ବୋଲି ପୋଲିସ ପାଟିକରି କରୁଥାଏ ।

ସକାଳ ୧୦ଟା ବୈଶାଖର ଝାଂଜିଫୁଟା ଉତ୍ତପ୍ତ କିରଣକୁ ଲୋକମାନେ ଭ୍ରୂକ୍ଷେପ ନକରି ସଭା ଆରମ୍ଭ ହେଲା । ସଭାରେ ସଭାପତିତ୍ୱ କରିଥାନ୍ତି ବାଞ୍ଛାନିଧି ମହାନ୍ତି । ହରେକୃଷ୍ଣ ମହତାବ ମଧ ଯୋଗ ଦେଇଥାନ୍ତି । ସଭା ଆରମ୍ଭରେ ବାଞ୍ଛାନିଧି ମହାନ୍ତିଙ୍କ ସ୍ୱରଚିତ ଦେଶାତ୍ମବୋଧ ସଂଗୀତ ଗାଇଥିଲେ ଦୁଇଜଣ ଛୋଟ ବାଳକ । କେତେକ ସଂଗ୍ରାମୀମାନେ ଅରଟ ଚଳାଇ ସୂତା କାଟୁଥାନ୍ତି । ବକ୍ତାମାନେ ଜଣକ ପରେ ଜଣେ ଭାଷଣ ଦେବା ଆରମ୍ଭ କଲେ । ପୋଲିସ ବାହିନୀ ବାଲାଜୀ ଲୁଣଚାଟିର ଏକମାତ୍ର ରାସ୍ତାକୁ ଘେରି ରହି ଲୋକମାନଙ୍କୁ ଘଉଡ଼ାଇବା ପାଇଁ ଚେଷ୍ଟା ଚଳାଇଥାନ୍ତି । ଶେଷ ବକ୍ତା ଭାବେ ହରେକୃଷ୍ଣ ମହତାବ ତାଙ୍କ ଭାଷଣରେ ଲୁଣ ମାରିବା ପାଇଁ ନିର୍ଦ୍ଦେଶ ଦେଲେ । ଠିକ୍ ସେହି ସମୟରେ ସଭା ତରଫରୁ 'ମହାତ୍ମା ଗାନ୍ଧିକୀ ଜୟ' । 'ସ୍ୱାଧୀନ ଭାରତକୀ ଜୟ' ଧ୍ୱନୀରେ ବାଲାଜୀଲୁଣଚାଟି ପ୍ରକମ୍ପିତ ହେବା ସଂଗେ ସଂଗେ ସତ୍ୟାଗ୍ରହୀମାନେ ଲୁଣମାରିବା ଆରମ୍ଭ କଲେ । ପୋଲିସ ବାହିନୀ ସଭାସ୍ଥଳରେ ପଶି ସତ୍ୟାଗ୍ରହୀମାନଙ୍କୁ ନିର୍ମମ ଭାବେ ପିଟି ଚାଲିଲେ ଏବଂ ଚୁଲା ଓ ଲୁଣ ହାଣ୍ଡିକୁ ପିଟି ଭାଙ୍ଗି ଦେଲେ । ପୋଲିସର ଅମାନୁଷିକ ଅତ୍ୟାଚାରରେ ସଂଗ୍ରାମୀମାନେ ଦବି ନଯାଇ ଲୁଣପାଣି ଓ ଲୁଣମାଟିକୁ ପୋଲିସ ଉପରକୁ ଛାଟିବାକୁ ଲାଗିଲେ । ଉଭୟଙ୍କ ମଧ୍ୟରେ ଧସ୍ତାଧସ୍ତି ଆରମ୍ଭ ହେବାକୁ ଲାଗିଲା । ପୋଲିସର ଅତ୍ୟାଚାରରେ ଲୋକମାନେ ଏଣେ ତେଣେ ଦୌଡ଼ିବାକୁ ଲାଗିଲେ । କେତେକ ସଂଗ୍ରାମୀ ପୋଲିସ ମାଡ଼ରେ ଆହତ ହୋଇ ବାଲାଜୀଲୁଣଚାଟିରେ ଗଡୁଥାନ୍ତି । କେତେକଙ୍କର ମୁଣ୍ଡ ଫାଟି ରକ୍ତ ନିଗିଡ଼ି ଗଲା ସେଠାରେ । ଆଉ କେତେକଙ୍କର ଗୋଡ଼ ଭାଙ୍ଗିଲା ତ କାହାର ହାତବି ଭାଙ୍ଗିଲା । ସତ୍ୟାଗ୍ରହୀ ଓ ପୋଲିସଙ୍କ ମଧ୍ୟରେ ଦୀର୍ଘ ଦୁଇଘଣ୍ଟା ଧରି ଧସ୍ତାଧସ୍ତି ଆରମ୍ଭ ହେବାକୁ ଲାଗିଲା । ଆହତ ସଂଗ୍ରାମୀମାନଙ୍କର ପାଣି ପାଣି ଚିତ୍କାରରେ ବାଲାଜୀ ବଣ କୋଳାହଳରେ ଫାଟି ପଡୁଥାଏ । ଏହି ହୋହଲ୍ଲା ମଧ୍ୟରେ ସତ୍ୟାଗ୍ରହୀମାନେ ନିଜର କାର୍ଯ୍ୟ ସମାପନ କଲେ । ଏଣେ ପୋଲିସ ପାଣି ବଦଳରେ ବୁଟ୍‌ରେ ସତ୍ୟାଗ୍ରହୀମାନଙ୍କୁ ମାଡ଼ି ଚକଟି ଦେଇଥାନ୍ତି । ପୋଲିସର ଆନନ୍ଦ କହିଲେ ନସରେ । ଶେଷରେ ପୋଲିସ ବାହିନୀ କେତେକ ସଂଗ୍ରାମୀକୁ ଗିରଫ କରି ଚଲାଇ ଚଲାଇ ଥାନାକୁ ନେଇଥାନ୍ତି । ପୋଲିସର ଅତ୍ୟାଚାରରେ ବାଲାଜୀଲୁଣଚାଟି ମ୍ରିୟମାଣ ହୋଇ ପଡ଼ିଥାଏ । ଆହତଙ୍କ ଆତ୍ମୀୟ ସ୍ୱଜନମାନଙ୍କର ବାଲାଜୀଲୁଣଚାଟିକୁ

ସୁଅ ଛୁଟୁଥାଏ । ଆହତମାନଙ୍କର କାନ୍ଦ ବୋବାଳିରେ ବାଲାଜୀଲୁଣଚାଟି କୋଳାହଳ ଏ ଦୃଶ୍ୟ ଯିଏ ଦେଖିଥିବ ସେ ଜୀବନରେ କେବେ ଭୁଲି ପାରିବ ନାହିଁ ।

ବ୍ରିଟିଶ ସରକାରଙ୍କର ଅମାନୁଷିକ ଅତ୍ୟାଚାରରେ ଜନ ଆନ୍ଦୋଳନ ଦବି ନଯାଇ ବଢ଼ିବାକୁ ଲାଗିଲା । ଭାରତ ଛାଡ଼ ଆନ୍ଦୋଳନର ଚୂଡ଼ାମଣିର ଜନ ଆନ୍ଦୋଳନ ପ୍ରବଳ ହେବାକୁ ଲାଗିଲା ।

ଲବଣ ସତ୍ୟାଗ୍ରହ ଆଜକୁ ୭୮ ବର୍ଷ ତଳର କଥା । ଯେଉଁମାନେ ସ୍ୱାଧୀନତା ସଂଗ୍ରାମରେ ନିଜକୁ ଉତ୍ସର୍ଗ କରି ଦେଶପ୍ରେମରେ ପରାକାଷ୍ଠା ଦେଖାଇଥିଲେ ସେମାନଙ୍କ ମଧ୍ୟରୁ ଅନେକ ମରିହଜି ଗଲେଣି ।

ଚୂଡ଼ାମଣି ବାଲାଜୀଲୁଣଚାଟି ନାମରେ ଲବଣ ସ୍ମାରକୀ କମିଟି ଗଠନ କରାଯାଇ ତା' ଜରିଆରେ ପ୍ରତିବର୍ଷ ଜାତୀୟ ଦିବସମାନଙ୍କରେ ସଭା, ସମିତି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ଅତୀତର ସ୍ମୃତିଚାରଣ କରାଯାଏ । ଜାତୀୟ ଦିବସ ପାଳନ ଉତ୍ସବରେ ମନ୍ତ୍ରୀ, ସରକାରୀ ଉଚ୍ଚପଦସ୍ଥ ଅଫିସର, ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ, ଶିକ୍ଷାବିତ୍‌ଙ୍କ ସମେତ ଶିକ୍ଷକ, ଶ୍ରମିକ, ଛାତ୍ର, ଯୁବକ, ମହିଳା ସାମ୍ବାଦିକ ଓ ବୁଦ୍ଧିଜୀବୀମାନେ ଯୋଗଦେଇ ସ୍ମୃତିଚାରଣରେ ଅଂଶ ଗ୍ରହଣ କରିଥାନ୍ତି ।

ବିଶେଷ କରି ଚୂଡ଼ାମଣି ବାଲାଜୀଲୁଣଚାଟିର ଲବଣ ସତ୍ୟାଗ୍ରହ ଇତିହାସ ସଂପର୍କରେ ଐତିହାସିକ ସ୍ୱର୍ଗୀୟ ଜଗନ୍ନାଥ ପଟ୍ଟନାୟକ ଓଡ଼ିଶା ସ୍ୱାଧୀନତା ସଂଗ୍ରାମ ଇତିହାସରେ ଲିପିବଦ୍ଧ କରିଥିଲେ ।

ବିରସ
ବାସୁଦେବପୁର, ଭଦ୍ରକ



କଦମ-ଇ-ରସୁଲ, କଟକ